କୋଲକାତା ମହାନଗର ନିଗମ ଏବଂ ଅନ୍ୟଜଣେ

ବନାମ

ସୁଜିତ ବରନ ମୁଖାର୍ଜୀ ଏବଂ ଅନ୍ୟମାନେ ଇତ୍ୟାଦି

ଫେବୃଆରୀ 14,1997

[କେ. ରାମସ୍ୱାମୀ ଏବଂ ଏସ୍. ସାଘିର ଅହମ୍ମଦ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*କୋଲକାତା ମହାନଗର ନିଗମ ଆଇନ:*

*ବିନିୟମ 34-A— ବେତନ ବୃଦ୍ଧି— କଲିକତା ମହାନଗର ନିଗମରେ କନିଷ୍ଠ ପ୍ରତିଲିପିକାରଙ୍କ ପାଇଁ ଦାବି— ସଚିବାଳୟ ବିଭାଗରେ ବଦଳି ହୋଇଛି— କଠିନ କାର୍ଯ୍ୟ ନିର୍ବାହ କରିବା ପାଇଁ ମାସିକ 50/- ଟଙ୍କାର ସ୍ୱତନ୍ତ୍ର ଦରମା ପ୍ରଦାନ ପାଇଁ ଅନୁମତି ମିଳିଛି— ବେତନ ହାରରେ ସଂଶୋଧନ କରାଯାଇଛି— ସ୍ୱତନ୍ତ୍ର ଦରମାକୁ, ସଂଶୋଧିତ ଦରମା ହାର ସହିତ ମିଶ୍ରଣ କରାଯାଇଛି— କର୍ମଚାରୀ ଅନ୍ୟମାନଙ୍କ ତୁଳନାରେ ଅଧିକ ଦରମା ପାଉଛନ୍ତି— ଅନ୍ୟ କନିଷ୍ଠ ପ୍ରତିଲିପିକାରମାନେ ସେମାନଙ୍କ ଦରମା ବୃଦ୍ଧି କରିବାକୁ ଦାବି କରିଛନ୍ତି— ନିର୍ଣ୍ଣୟ ହୋଇଛି, ଯଦିଓ ବେତନ ହାରରେ ସଂଶୋଧନ ପରେ, ସ୍ୱତନ୍ତ୍ର ଦରମାକୁ ବେତନରେ ମିଶ୍ରଣ କରାଯାଇଛି, ଏହାକୁ ଜଣେ କର୍ମଚାରୀଙ୍କୁ ତାଙ୍କ ପଦବୀ ପାଇଁ ନିର୍ଦ୍ଧାରିତ ସ୍ୱାଭାବିକ ଦାୟିତ୍ୱ ବାହାରେ କୌଣସି କଷ୍ଟସାଧ୍ୟ କାର୍ଯ୍ୟ ତୁଲାଇବା ପାଇଁ ଦିଆଯାଉଥିବା ଏକ ସ୍ୱତନ୍ତ୍ର ଦରମା ଭାବେ ଗ୍ରହଣ କରାଯିବା ଉଚିତ— ଏଭଳି ଆକସ୍ମିକ ଭାବେ ଘଟିଥିବା ପରିସ୍ଥିତିରେ ଅନ୍ୟ ବରିଷ୍ଠ କର୍ମଚାରୀମାନଙ୍କ ପାଇଁ ସେମାନଙ୍କର ଦରମା ବୃଦ୍ଧି କରି କନିଷ୍ଠ କର୍ମଚାରୀଙ୍କ ସହିତ ସମାନତା ଦାବି କରିବାର ଆଧାର ହୋଇପାରିବ ନାହିଁ— ସେମାନଙ୍କର ଦାବି କାଏମ ରହିପାରିବ ନାହିଁ ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1549/1997 ଇତ୍ୟାଦି

2.2.93 ତାରିଖରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ମାମଲା ସଂଖ୍ୟା 5511/1987 ର ଆବେଦନ ସଂଖ୍ୟା 662/92 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ତାପସ ରାୟ, ଗୌରବ ଜୈନ ଏବଂ ସୁଶ୍ରୀ ଆଭା ଜୈନ ଆବେଦନକାରୀଙ୍କ ପାଇଁ ।

ବି. କେ. ଘୋଷ (ସୁଶ୍ରୀ ସାରଲା ଚନ୍ଦ୍ର) (ଏନପି), ଉତ୍ତରଦାତାମାନଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ମଞ୍ଜୁର କରାଗଲା । ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ ।

କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 2 ଫେବୃଆରୀ 1993 ରେ ପାରିତ ହୋଇଥିବା ଆକ୍ଷେପିତ ଆଦେଶ ପରେ ହୋଇଥିବା ଅଦାଲତ ଅବମାନନା ଆବେଦନ, ସ୍ପଷ୍ଟୀକରଣ ଆବେଦନ ଇତ୍ୟାଦିରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡିକ ଆସିଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ ଉତ୍ତରଦାତାମାନେ, ଯଥା, ତପନ କୁମାର ପଲ ଏବଂ ଅନ୍ୟମାନେ, ସୁଜିତ ବରନ ମୁଖାର୍ଜୀ ଏବଂ ଅନ୍ୟମାନେ ଏବଂ ଜଣେ ବ୍ୟକ୍ତି ଶଙ୍କର ବୋଷ, ଏମାନେ ସମସ୍ତେ ପ୍ରଥମେ ମଇ 12,1969 ରେ କନିଷ୍ଠ ପ୍ରତିଲିପିକାର ଭାବରେ ନିଯୁକ୍ତ ହୋଇଥିଲେ । ସେମାନଙ୍କର ନିଜ ନିଜ ଜନ୍ମ ତାରିଖ ଆଧାରରେ ସେମାନଙ୍କ ପରସ୍ପର ମଧ୍ୟରେ ବରିଷ୍ଠତା ନିର୍ଦ୍ଧାରଣ କରାଯାଇଥିଲା । ପରବର୍ତ୍ତୀ ସମୟରେ, ଶଙ୍କର ବୋଷଙ୍କୁ ସଚିବାଳୟ ବିଭାଗକୁ ବଦଳି କରାଯାଇଥିଲା ଯେଉଁଠାରେ ତାଙ୍କୁ କଷ୍ଟଦାୟକ କାର୍ଯ୍ୟ ନିର୍ବାହ କରିବା କରିବାକୁ ପଡ଼ିଥିଲା, ଯେଉଁଥିପାଇଁ ତାଙ୍କୁ ମାସକୁ 50/-ଟଙ୍କାର ସ୍ୱତନ୍ତ୍ର ଦରମା ଦିଆଯାଇଥିଲା । 1981 ରେ କାର୍ଯ୍ୟକାରୀ ହୋଇଥିବା ବେତନ ହାର ସଂଶୋଧନ ପରେ, ଉତ୍ତରଦାତା ଏବଂ ଅନ୍ୟମାନଙ୍କ ଦରମାରେ ସଂଶୋଧନ କରାଯାଇଥିଲା । ଶଙ୍କର ବୋଷଙ୍କୁ ଦିଆଯାଉଥିବା ସ୍ୱତନ୍ତ୍ର ଦରମାକୁ, ତାଙ୍କ ଦରମା ସହିତ ସଂଶୋଧିତ ବେତନ ହାରରେ ମିଶ୍ରଣ କରାଯାଇଥିଲା । ଫଳସ୍ୱରୂପ ସେ ତପନ ପଲ, ସୁଜିତ ବରନ ମୁଖାର୍ଜୀ ଏବଂ ଅନ୍ୟମାନଙ୍କ ତୁଳନାରେ ଅଧିକ ଦରମା ପାଇବା ଆରମ୍ଭ କରିଥିଲେ । ତପନ ପଲ୍ ଏବଂ ଅନ୍ୟମାନେ, ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରି ଶଙ୍କର ବୋଷଙ୍କ ସହିତ ସମାନ ଭାବରେ ସେମାନଙ୍କର ବେତନ ହାରର ଉନ୍ନତିକରଣ ପାଇଁ ଅନୁରୋଧ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ ଏବଂ ଶଙ୍କର ବୋଷଙ୍କ ସହିତ ସମାନ ଭାବେ ଏବଂ ଅନ୍ୟମାନଙ୍କ ଦରମା ବୃଦ୍ଧି କରିବାକୁ ନିଗମକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶର ଅଣ-ଅନୁପାଳନ ପାଇଁ ତପନ ପଲ୍ ଏବଂ ଅନ୍ୟମାନଙ୍କ ଦ୍ୱାରା ଏକ ଅଦାଲତ ଅବମାନନା ଆବେଦନ ଦାଖଲ କରାଯାଇଥିଲା । ଆବେଦନକାରୀମାନେ ସ୍ପଷ୍ଟୀକରଣ ପାଇଁ ଏକ ଆବେଦନ ଦାଖଲ କରିଥିଲେ ।ଇତି ମଧ୍ୟରେ, 1993 ମସିହା ଏପ୍ରିଲ 23 ତାରିଖରେ ସୁଜିତ ବରନ ମୁଖାର୍ଜୀ ଏବଂ ଅନ୍ୟମାନଙ୍କ ଅନୁରୋଧ କ୍ରମେ ଏକ ଆଦେଶ ପାରିତ ହୋଇଥିଲା; ଯେତେବେଳେ ଏହା ହୃଦୟଙ୍ଗମ ହୋଇଥିଲା ଯେ କଲିକତା ମହାନଗର ନିଗମ ଆଇନର, ବିନିୟମ 34-A (ସଂକ୍ଷେପରେ, 'ବିନିୟମ') ବେତନ ହାର ବୃଦ୍ଧି ପାଇଁ ପ୍ରଯୁଜ୍ୟ ନୁହେଁ, ଯେଉଁଥିପାଇଁ ଟି. କେ. ପଲ୍ ଏବଂ ଅନ୍ୟମାନଙ୍କ ବେତନ ହାର ବୃଦ୍ଧି ପାଇଁ ପାରିତ ଆଦେଶକୁ ପ୍ରତ୍ୟାହାର କରାଯାଇଥିଲା, ଯାହାକୁ ମଧ୍ୟ ଆପତ୍ତି କରାଯାଇଥିଲା । ଅଦାଲତ ଅବମାନନା ଆବେଦନକୁ ଖାରଜ କରି ଆଦେଶ ପାରିତ କରାଯାଇଥିଲା, ସୁଜିତ ମୁଖାର୍ଜୀ ଏବଂ ଅନ୍ୟମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନରେ ବିଚାରାଧୀନ ସେହି ପରିମାଣକୁ ଖାତାରେ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା ଏବଂ ଆକ୍ଷେପିତ ଆଦେଶରେ ସ୍ପଷ୍ଟୀକରଣ ପାଇଁ ଆଗତ କରାଯାଇଥିବା ପରବର୍ତ୍ତୀ ଆବେଦନକୁ ଖାରଜ କରାଯାଇଥିଲା । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ଆଗତ ହୋଇଛି ।

ଏହା ବିବାଦରେ ନାହିଁ ଯେ ଶଙ୍କର ବୋଷଙ୍କୁ ଏକ ସ୍ୱତନ୍ତ୍ର ଦରମା ଦିଆଯାଇଥିଲା; ଅନ୍ୟ ଅର୍ଥରେ, ସାଧାରଣ କାର୍ଯ୍ୟ ବାହାରେ ଅତିରିକ୍ତ କାର୍ଯ୍ୟ କରିବା ପାଇଁ ମାସକୁ ମୋଟ 50/-ଟଙ୍କା ଦିଆଯାଉଥିଲା ଏବଂ ବେତନ ହାର ସଂଶୋଧନ ପରେ, 50/- ଟଙ୍କାର ସ୍ୱତନ୍ତ୍ର ଦରମା ତାଙ୍କ ଦରମା ସହିତ ମିଶିଥିଲା । ତଥାପି, ଏହା ତାଙ୍କୁ ଦିଆଯାଇଥିବା ଏକ ସ୍ୱତନ୍ତ୍ର ଦରମା ଭାବେ ଗ୍ରହଣ କରାଯିବା ଉଚିତ, କାରଣ ସେ ପଦବୀ ପାଇଁ ନିର୍ଦ୍ଧାରିତ ସାଧାରଣ ଦାୟିତ୍ୱ ବାହାରେ ଏକ କଷ୍ଟକର ଦାୟିତ୍ୱ ତୁଲାଉଛନ୍ତି । ପ୍ରଶ୍ନ ହେଉଛି ଯେ ସେହି ଦିନ ନିଯୁକ୍ତ ହେବାକୁ ଆସିଥିବା ତପନ ପଲ, ସୁଜିତ ବରନ ମୁଖାର୍ଜୀ ଏବଂ ଅନ୍ୟମାନେ, ଶଙ୍କର ବୋଷଙ୍କ ସହିତ ସମାନ ଭାବରେ ସେମାନଙ୍କର ଦରମା ବୃଦ୍ଧି ପାଇବାକୁ ହକଦାର କି?ଉତ୍ତରଦାତାମାନଙ୍କ ପାଇଁ ଏହା ଯୁକ୍ତି କରାଯାଇଛି ଯେ ଯେତେବେଳେ ଏପରି ଏକ ପ୍ରତିକାର ମଞ୍ଜୁର କରାଯାଇଥିଲା ଏବଂ ଚୂଡ଼ାନ୍ତ କରିବାକୁ ଅନୁମତି ଦିଆଯାଇଥିଲା, ସେତେବେଳେ ଏହାକୁ ପ୍ରତ୍ୟାହାର କରିବା ପାଇଁ ଉତ୍ତରଦାତାମାନଙ୍କୁ ସମ୍ଭବ ହୋଇନଥିଲା।ଏହି ଯୁକ୍ତିରେ ଆମେ କୌଣସି ଦୃଢ଼ତା ପାଉନାହୁଁ ।

ବିନିୟମ 34-A ଏହିପରି ବ୍ୟାଖ୍ୟା କରେ:

> "ଯଦି ଜଣେ କର୍ମଚାରୀ ଉଚ୍ଚ ପଦବୀକୁ ପଦୋନ୍ନତି ପାଇବା ପରେ, ସ୍ୱାଭାବିକ ନିୟମ ଅନୁଯାୟୀ ବେତନ ନିର୍ଦ୍ଧାରଣ କିମ୍ବା ବେତନ ହାର ସଂଶୋଧନ ଯୋଗୁଁ ତାଙ୍କର ବରିଷ୍ଠ କର୍ମଚାରୀଙ୍କ ଅପେକ୍ଷା ଅଧିକ ଦରମା ପାଆନ୍ତି, ତେବେ ସେହି ବରିଷ୍ଠ କର୍ମଚାରୀଙ୍କ ଦରମାକୁ କନିଷ୍ଠ କର୍ମଚାରୀ ସେହି ଅଧିକ ଦରମା ପାଉଥିବା ସମାନ ସ୍ତର ଏବଂ ସମାନ ସମୟରୁ ଧାର୍ଯ୍ୟ କରାଯାଇ ସଂଶୋଧନ କରାଯିବ, ଏଥିପାଇଁ ବରିଷ୍ଠ କର୍ମଚାରୀଙ୍କର ତଳ ପଦବୀର ସ୍ଥାୟୀ ଅଧିକାର ଦରମା ପୁନଃ-ନିର୍ଦ୍ଧାରଣ ସମୟରେ ସମାପ୍ତ ହୋଇଛି କି ନାହିଁ, ତାହାକୁ ବିଚାର ନକରି ଏହି ସର୍ତ୍ତରେ ଯେ ଯଦି ଉଭୟ ବରିଷ୍ଠ ଏବଂ କନିଷ୍ଠ କର୍ମଚାରୀ ଏକା ବର୍ଗ ଶ୍ରେଣୀର ହୋଇଥିବେ ଏବଂ ସେମାନେ ପଦୋନ୍ନତି ପାଇଥିବା ପଦବୀର ଦରମା ହାର ସମ୍ପୂର୍ଣ୍ଣ ସମାନ ହୋଇଥିବ ।
>
> ଏହି ବିନିୟମର ସୁବିଧା ଗ୍ରହଣଯୋଗ୍ୟ ହେବ ନାହିଁ ଯଦି କନିଷ୍ଠ କର୍ମଚାରୀ ଅଣ-ସଂଶୋଧିତ ବେତନ ହାର ବଜାୟ ରଖିବା ପାଇଁ ତାଙ୍କ ବିକଳ୍ପ ବ୍ୟବହାର କରନ୍ତି ।"

ଏହାକୁ ପଢ଼ିଲେ ସ୍ପଷ୍ଟ ହେଉଛି ଯେ ବରିଷ୍ଠ କର୍ମଚାରୀଙ୍କ ଦରମା ବଢ଼ାଇ ସେମାନଙ୍କ କନିଷ୍ଠ କର୍ମଚାରୀଙ୍କ ସହ ସମାନ କରିବାର ନିୟମ କେବଳ ସେତେବେଳେ ଲାଗୁ ହେବ, ଯେତେବେଳେ ଜଣେ କନିଷ୍ଠ କର୍ମଚାରୀ ପଦୋନ୍ନତି ପାଇବା ପରେ ନିଜର ବରିଷ୍ଠଙ୍କଠାରୁ ଅଧିକ ଦରମା ପାଉଥିବେ, କିନ୍ତୁ ଏହି ନିୟମଟି ସେହି ସ୍ଥିତିରେ ଲାଗୁ ହୋଇପାରିବ ନାହିଁ, ଯେଉଁଠାରେ ଜଣେ କନିଷ୍ଠ କର୍ମଚାରୀ ଅନ୍ୟ ଏକ ସ୍ଥାନକୁ ବଦଳି ହେବା କାରଣରୁ ସ୍ୱତନ୍ତ୍ର କିମ୍ବା ଅତିରିକ୍ତ ଦରମା ପାଉଛନ୍ତି, ଏହାକୁ ସ୍ୱତନ୍ତ୍ର ଭତ୍ତା କିମ୍ବା ଅତିରିକ୍ତ କାର୍ଯ୍ୟ ଭତ୍ତା ଭାବେ ଗ୍ରହଣ କରାଯିବ, କାରଣ ସେମାନେ ନିଜର ସାଧାରଣ କାର୍ଯ୍ୟ ବ୍ୟତୀତ, ସ୍ୱତନ୍ତ୍ର ପରିସ୍ଥିତିରେ ଅତିରିକ୍ତ କାମ କରୁଛନ୍ତି । ଏଭଳି ଏକ ଆକସ୍ମିକ ପରିସ୍ଥିତିକୁ ଭିତ୍ତି କରି ଅନ୍ୟ ବରିଷ୍ଠ କର୍ମଚାରୀମାନେ ସେମାନଙ୍କର ଦରମା ବୃଦ୍ଧି ମାଧ୍ୟମରେ ସମାନ ଦରମା ପାଇବାକୁ ଦାବି କରିପାରିବେ ନାହିଁ । ଯଦି ଏହି ଯୁକ୍ତିକୁ ଗ୍ରହଣ କରାଯାଏ, ତେବେ ସେହି ବ୍ୟକ୍ତିମାନଙ୍କୁ ଅଧିକ ଦରମା ମିଳିବ ଯେଉଁମାନେ କୌଣସି କଷ୍ଟ ନକରି, ଆରାମଦାୟକ ପଦବୀ କିମ୍ବା ସ୍ଥାନରେ ରହି ଆଳସ୍ୟର ସହ କେବଳ ସାଧାରଣ କାମ କରୁଛନ୍ତି; ଅପରପକ୍ଷରେ, ଯେଉଁ ବ୍ୟକ୍ତି ସ୍ୱତନ୍ତ୍ର ଦାୟିତ୍ୱ ନେଉଛନ୍ତି କିମ୍ବା କଠିନ ପରିଶ୍ରମ କରୁଛନ୍ତି, ତାଙ୍କୁ ମଧ୍ୟ ସେମାନଙ୍କ ସହ ସମାନ ସ୍ତରରେ ରଖାଯିବ; ଏବଂ ଏଭଳି ଭାବେ ଦରମା ବୃଦ୍ଧି କରିବା ଆଳସ୍ୟ ଓ ଅଳସୁଆମାନଙ୍କୁ ପ୍ରୋତ୍ସାହନ ଦେବା ସଦୃଶ ହେବ । ଏହା ଦ୍ୱାରା ସେବାର ଦକ୍ଷତା ବୃଦ୍ଧି କିମ୍ବା କର୍ତ୍ତବ୍ୟ ପ୍ରତି ସମର୍ପଣ ଭାବର କ୍ଷତି ହେବ । ଏଭଳି ପରିସ୍ଥିତିରେ, ଜଣେ କନିଷ୍ଠ କର୍ମଚାରୀଙ୍କ ସହ ସମାନ କରିବା ପାଇଁ ବରିଷ୍ଠ କର୍ମଚାରୀଙ୍କ ଦରମା ବୃଦ୍ଧି କରିବାର ବୈଧାନିକ ନୀତି, କୌଣସି ଯୁକ୍ତିଯୁକ୍ତ ସିଦ୍ଧାନ୍ତ ଉପରେ ଆଧାରିତ ନୁହେଁ ବୋଲି ଆମେ ମନେକରୁ । ଯଦି ସମସ୍ତ କର୍ମଚାରୀ ସମାନ ଦାୟିତ୍ୱ ତୁଲାଉଛନ୍ତି, ସମାନ କାର୍ଯ୍ୟ କରୁଛନ୍ତି ଏବଂ ସମାନ ପରିସ୍ଥିତିରେ ଅଛନ୍ତି, ତଥାପି ପଦୋନ୍ନତି ପାଇ କୌଣସି କନିଷ୍ଠ କର୍ମଚାରୀ ଯଦି ବରିଷ୍ଠ କର୍ମଚାରୀଙ୍କ ଠାରୁ ଅଧିକ ଦରମା ପାଆନ୍ତି, ତେବେ ସେହି ସୁଯୋଗରୁ ବଞ୍ଚିତ ହୋଇଥିବା ବରିଷ୍ଠ କର୍ମଚାରୀମାନେ ମଧ୍ୟ ସେମାନଙ୍କ କନିଷ୍ଠ କର୍ମଚାରୀଙ୍କ ସହ ସମାନ ଦରମା ପାଇବାକୁ ହକଦାର ହେବେ ।

ତଥାପି, ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ, ଯୁକ୍ତି କରିଛନ୍ତି ଯେ ବିନା ନୋଟିସରେ ପ୍ରତ୍ୟାହାର କରାଯାଇଛି, ତେଣୁ, ଏହା ପ୍ରାକୃତିକ ନ୍ୟାୟର ନୀତିକୁ ଉଲ୍ଲଂଘନ କରିଛି । ଆମେ ଏହି ଦୃଢହୀନ ଯୁକ୍ତିରେ କୌଣସି ମର୍ମ ପାଉନାହୁଁ ।ଏହା ବର୍ତ୍ତମାନ ଭଲ ଭାବରେ ସ୍ଥିର ହୋଇଥିବା ଆଇନଗତ ସ୍ଥିତି ଏବଂ କୌଣସି ପୁନରାବୃତ୍ତିର ଆବଶ୍ୟକ କରେ ନାହିଁ । ତଥାପି, ଏହି ମାମଲାର ତଥ୍ୟ ଉପରେ, ଆମେ ସେହି ଆଦେଶକୁ ରଦ୍ଦ କରିବା ପାଇଁ କୌଣସି କାରଣ ପାଉନାହୁଁ, କାରଣ ଉତ୍ତରଦାତାମାନଙ୍କ ସପକ୍ଷରେ ଜାରି ହୋଇଥିବା ଆଇନଗତ ଆଦେଶ ଅନୁଯାୟୀ ସେମାନଙ୍କୁ ପ୍ରଦାନ କରାଯାଇଥିବା କୌଣସି ବି ଅର୍ଥରାଶି ସେମାନେ ପ୍ରତ୍ୟାହାର କରିନାହାନ୍ତି । ଭୁଲ ବୁଝିବା ପରେ ସେମାନେ କେବଳ ଏତିକି କରିଛନ୍ତି ଯେ ସେମାନେ ବେତନ ହାରରେ ସଂଶୋଧନ କରିଛନ୍ତି ।

ଏହା ମଧ୍ୟ ଯୁକ୍ତି କରାଯାଇଛି ଯେ ଉତ୍ତରଦାତାମାନଙ୍କ ପ୍ରତି ଭେଦଭାବ କରାଯାଇଛି, କାରଣ ସୁଜିତ ବରନ୍ ମୁଖାର୍ଜୀ ଏବଂ ଅନ୍ୟମାନେ ଅଧିକ ଦରମା ପାଇବାକୁ ହକଦାର ଅଟନ୍ତି । ଉପରୋକ୍ତ ନିତୀକୁ ଦୃଷ୍ଟିରେ ରଖି ଅନ୍ୟମାନଙ୍କ ପ୍ରତି କୌଣସି ଭେଦଭାବ ହୋଇଥିବାର ପ୍ରଶ୍ନ ଉଠୁନାହିଁ, କାରଣ ସେମାନେ ଶଙ୍କର ବୋଷଙ୍କ ସହ ସମାନତାର ଅଧିକାରୀ ନୁହନ୍ତି ।

ସେହି ପରିସ୍ଥିତିରେ, ଆବେଦନଗୁଡ଼ିକୁ ଅନୁମତି ଦିଆଗଲା ।ଉଚ୍ଚ ନ୍ୟାୟାଳୟଙ୍କ ଆଦେଶଗୁଡ଼ିକୁ ଅଗ୍ରାହ୍ୟ କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ଆର୍. ପି. ଆବେଦନଗୁଡ଼ିକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।